ଡ. ଦାମୋଦର ପଣ୍ଡା ଇତ୍ୟାଦି

ବନାମ

ଓଡ଼ିଶା ରାଜ୍ୟ ଇତ୍ୟାଦି

ଜୁଲାଇ 16, 1990

[ରଙ୍ଗନାଥ ମିଶ୍ର ଏବଂ କୁଲଦିପ ସିଂହ, ନ୍ୟାୟମୂର୍ତ୍ତିଦ୍ୱୟ ।]

*ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ବିନିୟମାବଳୀ ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ , 1979: ଧାରା 20*

*ଅଧିନିୟମର ବ୍ୟବସ୍ଥାମାନ – କାର୍ଯ୍ୟକାରିତା - ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ - ପ୍ରବାସୀ ଶ୍ରମିକଙ୍କ ମୂଳୋତ୍ପତ୍ତି ରାଜ୍ୟର ଅଧିକାରୀମାନେ – ଅଧିନିୟମର କାର୍ଯ୍ୟକାରିତା ନିମନ୍ତେ ପ୍ରାପ୍ତକର୍ତ୍ତା ରାଜ୍ୟର ସୀମା ମଧ୍ୟରେ ଅନୁସନ୍ଧାନ କରିପାରିବେ ।*

ଏହି ଆବେଦନଗୁଡ଼ିକରେ ଏହି ପ୍ରଶ୍ନ ଉପରେ: ଯେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ବିନିୟମାବଳୀ ଏବଂ ସେବା ସର୍ତ୍ତ) ଅଧିନିୟମ, 1979 ର ବ୍ୟବସ୍ଥାଗୁଡ଼ିକୁ କିପରି କାର୍ଯ୍ୟକାରୀ କରାଯାଇପାରିବ ।

ରିଟ୍ ଆବେଦନଗୁଡ଼ିକର ନିଷ୍ପତ୍ତିପୂର୍ବକ ସମାଧାନ କରି, ଏହି ନ୍ୟାୟାଳୟ,

କହିଲେ: 1. ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ବିନିୟମାବଳୀ ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ, 1979 ସମ୍ବିଧାନର ବ୍ୟବସ୍ଥାଗୁଡ଼ିକୁ ତୁଷ୍ଟ କରିବା ପାଇଁ ଏକ ଲାଭଦାୟକ ଆଇନ ପ୍ରଣୟନ ତଥା ଆନ୍ତଃ-ଜାତୀୟ ରାଜିନାମାମାନଙ୍କରେ ଆଇନଗତ ଚୁକ୍ତିବଦ୍ଧତା ଅଟେ ଯେଉଁଥିରେ ଭାରତ ଏକ ପକ୍ଷ ଅଟେ । ପ୍ରାପ୍ତକର୍ତ୍ତା ରାଜ୍ୟରେ ପ୍ରବାସୀ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ମୂଳୋତ୍ପତ୍ତି ରାଜ୍ୟର ବ୍ୟକ୍ତିମାନଙ୍କ ସମ୍ବନ୍ଧରେ ପ୍ରାପ୍ତକର୍ତ୍ତା ରାଜ୍ୟରେ ଉପଯୁକ୍ତ ଅନୁସନ୍ଧାନ କରିବାକୁ ମୂଳୋତ୍ପତ୍ତି ରାଜ୍ୟର ଅଧିକାରୀମାନଙ୍କୁ ଅନୁମତି ନ ଦେବାରେ କୌଣସି ବୈଧ ଯଥାର୍ଥତା ନାହିଁ ।

2. ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଭାରତର ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଆଇନ ପ୍ରବର୍ତ୍ତନ କରିବା ପାଇଁ ପ୍ରାପ୍ତକର୍ତ୍ତା ରାଜ୍ୟଗୁଡ଼ିକର ସୀମା ମଧ୍ୟରେ ଉପଯୁକ୍ତ ଅନୁସନ୍ଧାନ କରିବା ପାଇଁ ପ୍ରବାସୀ ଶ୍ରମିକଙ୍କ ମୂଳୋତ୍ପତ୍ତି ରାଜ୍ୟର ଅଧିକାରୀମାନଙ୍କୁ ଅନୁମତି ଦେବାକୁ

**ବାଧ ହେବେ ଏବଂ କୌଣସି ପ୍ରାପ୍ତକର୍ତ୍ତା ରାଜ୍ୟ ଏପରି ପ୍ରକ୍ରିୟାରେ କୌଣସି ପ୍ରତିବନ୍ଧକ କିମ୍ବା ବାଧା ସୃଷ୍ଟି କରିବେ ନାହିଁ ।**

ମୂଳ ଅଧିକାରିତା: ରିଟ ଆବେଦନ (ଦେୱାନୀ) ସଂଖ୍ୟା 511/1984 ।

ଏଥିସହ

ରିଟ ଆବେଦନ (ଦେୱାନୀ) ସଂଖ୍ୟା 975/1984 ।

(ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅଧୀନରେ) ।

କେ. ଭି. ଶ୍ରୀକୁମାର, (ଏନ୍. ପି.) ଆବେଦନକାରୀଙ୍କ ପକ୍ଷରୁ ।

ଭି. ସି. ମହାଜନ, ଏ. କେ. ପଣ୍ଡା, ସୁଶ୍ରୀ ସି. କେ. ସୁଚରିତା ଏବଂ ସୁଶ୍ରୀ ଏ. ସୁଭାଷିନୀ ଉତ୍ତରଦାତାମାନଙ୍କ ପକ୍ଷରୁ ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ:

ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ବିନିୟମାବଳୀ ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ, 1979 ଏବଂ ବିଶେଷ କରି ଏହାର ଧାରା 20 ର ବ୍ୟବସ୍ଥାଗୁଡ଼ିକୁ କିପରି କାର୍ଯ୍ୟକାରୀ କରାଯାଇପାରିବ, ସେହି ସଂକ୍ରାନ୍ତରେ ଏହି ରିଟ ଆବେଦନରେ ବିଚାର ପାଇଁ ଉତ୍ଥିତ ବିଷୟଗୁଡ଼ିକ ମଧ୍ୟରୁ ଗୋଟିଏ ବିଷୟ ଅଟେ । ଶ୍ରମ ମନ୍ତ୍ରଣାଳୟରେ ଭାରତ ସଂଘ ଦ୍ୱାରା ଦାଖଲ ହୋଇଥିବା ସତ୍ୟପାଠରେ ଏହା କୁହାଯାଇଛି କି, ଅଧିନିୟମର ଧାରା 20(3) ଅନ୍ତର୍ଗତ ଯୋଜନା ମତରେ ଯେ ମୂଳୋତ୍ପତ୍ତି ରାଜ୍ୟର ଅଧିକାରୀ ପ୍ରାପ୍ତକର୍ତ୍ତା ରାଜ୍ୟ ମଧ୍ୟରେ ଅନୁସନ୍ଧାନ କରିପାରିବେ, ଯଦି ପ୍ରାପ୍ତକର୍ତ୍ତା ରାଜ୍ୟ ସେହି ରାଜ୍ୟ ମଧ୍ୟରେ କାର୍ଯ୍ୟ କରୁଥିବା ମୂଳୋତ୍ପତ୍ତି ରାଜ୍ୟର ଅଧିକାରୀମାନଙ୍କ ସହ ସହମତ ହେବେ, ସେହି ଅଧିନିୟମଟି ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ସମ୍ବିଧାନର ବ୍ୟବସ୍ଥାମାନ ଓ ଅନ୍ତର୍ଜାତୀୟ ରାଜିନାମାଗୁଡ଼ିକର ଆଇନଗତ ଚୁକ୍ତିବଦ୍ଧତାକୁ ତୁଷ୍ଟ କରିବା ପାଇଁ ଏହା ଏକ ଲାଭଦାୟକ ଆଇନ ପ୍ରଣୟନ, ଯେଉଁଥିରେ ଭାରତ ଏକ ପକ୍ଷ ଅଟେ । ଯେ ପ୍ରାପ୍ତକର୍ତ୍ତା ରାଜ୍ୟରେ ପ୍ରବାସୀ ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ମୂଳୋତ୍ପତ୍ତି ରାଜ୍ୟର ବ୍ୟକ୍ତିମାନଙ୍କ ସଂକ୍ରାନ୍ତରେ ପ୍ରାପ୍ତକର୍ତ୍ତା ରାଜ୍ୟରେ ଉପଯୁକ୍ତ ଅନୁସନ୍ଧାନ କରିବାକୁ ମୂଳୋତ୍ପତ୍ତି ରାଜ୍ୟର ଅଧିକାରୀମାନଙ୍କୁ ଅନୁମତି ନ ଦେବାରେ କୌଣସି ବୈଧ ଯଥାର୍ଥତା ଅଛି ବୋଲି ଆମ୍ଭେ ମନେ କରୁନାହୁଁ । ଧାରା 20(3) କୁ ପ୍ରବର୍ତ୍ତନ କରିବା ଏବଂ ସେଥିରେ ଥିବା ବୈଧାନିକ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ

କରିବା ପାଇଁ ଆଦେଶ ଦେବା ପୂର୍ବରୁ ଅନ୍ୟ ରାଜ୍ୟଗୁଡ଼ିକୁ  ଶୁଣିବାର କୌଣସି ପ୍ରୟୋଜନ ଅଛି ବୋଲି ଆମ୍ଭେ ମନେ କରୁନାହୁଁ ।

ଓଡ଼ିଶା ରାଜ୍ୟ ତରଫରୁ ହାଜର ହୋଇଥିବା ଶ୍ରୀ. ପଣ୍ଡା ସହମତ ହୋଇଛନ୍ତି ଯେ ଓଡ଼ିଶା ଏକ ଗ୍ରହଣକାରୀ ରାଜ୍ୟ ହୋଇଥିବା ସ୍ଥଳେ ଓଡ଼ିଶା ମଧ୍ୟରେ କୌଣସି ମୂଳୋତ୍ପତ୍ତି ରାଜ୍ୟର ଅଧିକାରୀମାନଙ୍କର ପ୍ରୟୋଜନୀୟ ଅନୁସନ୍ଧାନ କରିବା ଦିଗରେ ଓଡ଼ିଶା ରାଜ୍ୟର କୌଣସି ଆପତ୍ତି ନାହିଁ । ତେଣୁ, ଆମ୍ଭେ ଏକ ନିର୍ଦ୍ଦେଶ ଦେବୁ ଯେ ଉପରୋକ୍ତ 1979 ଅଧିନିୟମ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଭାରତର ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରବାସୀ ଶ୍ରମିକଙ୍କ ମୂଳୋତ୍ପତ୍ତି  ରାଜ୍ୟର ଅଧିକାରୀମାନଙ୍କୁ ଆଇନ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରାପ୍ତକର୍ତ୍ତା ରାଜ୍ୟଗୁଡ଼ିକର ସୀମା ମଧ୍ୟରେ ଉପଯୁକ୍ତ ଅନୁସନ୍ଧାନ କରିବାକୁ ଅନୁମତି ଦେବାକୁ ବାଧ୍ୟ ହେବେ ଏବଂ କୌଣସି ପ୍ରାପ୍ତକର୍ତ୍ତା ରାଜ୍ୟ ଏପରି ପ୍ରକ୍ରିୟାରେ କୌଣସି ପ୍ରତିବନ୍ଧକ କିମ୍ବା ବାଧା ସୃଷ୍ଟି କରିବେ ନାହିଁ । ଏହି ଆଦେଶର ନକଲକିତା ପ୍ରତ୍ୟେକ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ଅନୁପାଳନାର୍ଥେ ପଠାଯିବ ।

ଓଡ଼ିଶା ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ବ୍ୟତୀରେକ ଅନ୍ୟ ରାଜ୍ୟଗୁଡ଼ିକର ଶୁଣାଣି ନ କରାଯାଇ ଏହି ଆଦେଶ  ପାରିତ କରାଯାଇଛି ବୋଲି ଆମ୍ଭେ ଅବଗତ ଅଛୁ । ଯଦି ଘଟଣାକ୍ରମେ କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ମତ ଦିଅନ୍ତି ଯେ ନିର୍ଦ୍ଦେଶରେ ସଂଶୋଧନ କରାଯିବା ଉଚିତ, ତେବେ ଆଦେଶର ସଂଶୋଧନ ପାଇଁ ଆବେଦନ କରିବାକୁ ସ୍ୱାଧୀନତା ଦିଆଯାଇଛି କିନ୍ତୁ ଏହା ସଂଶୋଧିତ ନ ହେବା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ । ଏହି ଆଦେଶ  ସହିତ ରିଟ୍ **ଆବେଦନ**ଗୁଡ଼ିକୁ ନିଷ୍ପତ୍ତିପୂର୍ବକ ସମାପ୍ତ କରାଯାଉଛି । କୌଣସି ବାବଦ ଖର୍ଚ୍ଚ ନାହିଁ ।

ଟି. ଏନ୍. ଏ. ଆବେଦନଗୁଡ଼ିକୁ ସମାପ୍ତ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**